# NATIONAL NEWS BULLETIN (ODIA)
## 6 March - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତା ୮ ତାରିଖ ଦିନ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଏକ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଭାରତୀୟ ସମବାୟ କ୍ଷେତ୍ରକୁ ସମ୍ପ୍ରସାରିତ କରିବା ପାଇଁ ବିଶ୍ୱସ୍ତରୀୟ ସମବାୟ ସଂଗଠନ ସହିତ ସହଭାଗୀ ହେବା ପାଇଁ ଆହ୍ୱାନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ପ୍ରଗତିଶୀଳ ସମାଜ ଗଠନ ପାଇଁ ନାଗରିକମାନଙ୍କୁ ସମସ୍ତ ଅସମାନତାରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବାକୁ ହେବ, କହିଲେ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରି ।
- ବାବର ଖାଲସା ଇଣ୍ଟରନ୍ୟାସନାଲ୍‌ର ସନ୍ତ୍ରାସବାଦୀ ଲଜର ମଶି ଗିରଫ୍ ।

ଏବଂ

- ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଆଜି ମୁହାଁମୁହିଁ ହେବେ ହାଇଦ୍ରାବାଦ ଓ ପଞ୍ଜାବ ।

## ପ୍ରେସିଡେଣ୍ଟ-ମହିଳା ଦିବସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀରେ ଆସନ୍ତା ୮ ତାରିଖ ଦିନ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ହେବାକୁ ଥିବା ଏକ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । 'ନାରୀ ଶକ୍ତିରୁ ବିକଶିତ ଭାରତ' ଶୀର୍ଷକ ଆଧାରିତ ଏହି ସମ୍ମିଳନୀକୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଆୟୋଜନ କରୁଛି । ସମ୍ମିଳନୀରେ ମୋ ଭାରତ ସ୍ୱେଚ୍ଛାସେବୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସମେତ ସେନା ବାହିନୀ, ଅର୍ଦ୍ଧସାମରିକ ବାହିନୀ, ଦିଲ୍ଲୀ ପୁଲିସ୍‌ର ଅଧିକାରୀମାନେ ଯୋଗଦେବେ । ସମ୍ମିଳନୀରେ ବିଶ୍ୱ ବ୍ୟାଙ୍କ୍, ୟୁନିସେଫ୍, ୟୁ.ଏନ୍.ଡି.ପି., ମହିଳା ଜାତିସଂଘ ଓ ୟୁ.ଏନ୍.ଏଫ୍.ପି.ଏ.ର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହିବେ । ଆନ୍ତର୍ଜାତିକ ମହିଳା ଦିବସ ନାରୀମାନଙ୍କର ବହୁମୁଖୀ ପ୍ରତିଭା ଓ ଶକ୍ତି ସମ୍ପର୍କରେ ଆଲୋଚନା କରିବାର ଏକ ଅବସର ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି ।

# ଆନ୍ତର୍ଜାତିକ-ମହିଳା ଦିବସ

ଆନ୍ତର୍ଜାତିକ ମହିଳା ଦିବସ ବିଶ୍ୱବ୍ୟାପି ଆସନ୍ତା ୮ ତାରିଖ ଶନିବାର ଦିନ ପାଳନ କରାଯିବ । ଏହି ଦିନ ସାଂସ୍କୃତିକ, ଆର୍ଥିକ, ଜାତିଗତ ଓ ଭାଷାଗତ ନିର୍ବିଶେଷରେ ବିଶ୍ୱବ୍ୟାପି ମହଳାମାନଙ୍କୁ ସେମାନଙ୍କର ସଫଳତା ପାଇଁ ସମ୍ମାନିତ କରାଯାଇଥାଏ । ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସର ବାର୍ତ୍ତା ହେଉଚି – "ସମସ୍ତ ମହିଳା ଓ ଝିଅମାନଙ୍କ ପାଇଁ ଅଧିକାର, ସମାନତା ଓ ସଶକ୍ତିକରଣ" ।

ସୂଚନା ଯୋଗ୍ୟ କିଛି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ମହିଳାମାନଙ୍କୁ ସେମାନଙ୍କର ପ୍ରେରଣାଦାୟୀ ଜୀବନ ଯାତ୍ରାର ଅନୁଭୂତି ନମୋ ଆପ୍ ମାଧ୍ୟମରେ ଜଣାଇବାକୁ ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟସ୍ ମାଧ୍ୟମରେ ମହିଳାମାନେ ଆସନ୍ତା ୮ ତାରିଖ ଦିନ ସେମାନଙ୍କର ବାର୍ତ୍ତା ଓ ଅନୁଭୂତି ବାଣ୍ଟି ପାରିବେ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ । ଏହି ସ୍ୱତନ୍ତ୍ର ଅଭିଯାନ ମହିଳାମାନଙ୍କ ସଫଳତା ଓ ଅବଦାନକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ସହିତ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବାରେ ସହାୟକ ହେବ ।

# ପିଏମ୍-କୋପ୍ରେଟିଭ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ସମବାୟ କ୍ଷେତ୍ରକୁ ସମ୍ପ୍ରସାରିତ କରିବା ପାଇଁ ବିଶ୍ୱସ୍ତରୀୟ ସମବାୟ ସଂଗଠନ ସହିତ ମିଳିମିଶି କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । କୋପ୍ରେଟିଭ୍ ସଂଗଠନ ମାଧ୍ୟମରେ ଜୈବିକ ସାମଗ୍ରୀକୁ ପ୍ରୋତ୍ସାହିତ କରିବା ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଦେଶର ସମବାୟ କ୍ଷେତ୍ର ଗୁଡ଼ିକର ଅଗ୍ରଗତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ କୃଷି କ୍ଷେତ୍ରରେ ରପ୍ତାନୀ ଏବଂ ମୃତିକା ପରୀକ୍ଷଣ ପାଇଁ ଏକ ସ୍ୱତନ୍ତ୍ର ମଡେଲ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି । ରୁପେ ଏବଂ କିଶାନ୍ କ୍ରେଡିଟ୍ କାର୍ଡକୁ ୟୁ.ପି.ଆଇ. ସହିତ ସଂଯୋଗ କରିବା ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ଆଇ.ଆଇ.ଏମ୍. ପ୍ରତିଷ୍ଠାନ ଗୁଡ଼ିକରେ ମଧ୍ୟ ସମବାୟ କ୍ଷେତ୍ର ସମ୍ପର୍କିତ ପାଠ୍ୟକ୍ରମ ଲାଗୁ କରିବା ପାଇଁ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ଜାତୀୟ ସମବାୟ ନୀତି ଏବଂ ସମବାୟ ମନ୍ତ୍ରଣାଳୟର ଗତ ସାଢ଼େ ତିନି ବର୍ଷ ମଧ୍ୟରେ ହାସଲ ହୋଇଥିବା ସଫଳତା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଏହି ସମୀକ୍ଷା ବୈଠକରେ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ପିଏମ୍-ଉତ୍ତରାଖଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରାଖଣ୍ଡର ମୁକାଓ୍ୱାଠାରେ ମା' ଗଙ୍ଗାଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ଗଣମାଧ୍ୟମରେ କହିଛନ୍ତି, ମା' ଗଙ୍ଗାଙ୍କର ଏହି କ୍ଷେତ୍ର ଅତ୍ୟନ୍ତ ଦିବ୍ୟ ଏବଂ ପବିତ୍ର । ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କର ଦୀର୍ଘ ଜୀବନ, ସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରିଛନ୍ତି ।

ସୂଚନା ଯୋଗ୍ୟ ଚଳିତବର୍ଷ ଉତ୍ତରାଖଣ୍ଡ ସରକାର ଶୀତ ପର୍ଯ୍ୟଟନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ଉପଲକ୍ଷେ ଗଙ୍ଗୋତ୍ରୀ, ଯମୁନେତ୍ରୀ, କେଦାରନାଥ ଏବଂ ବଦ୍ରିନାଥ ଠାରେ ହେଉଥିବା କାର୍ଯ୍ୟକ୍ରମକୁ ଅନେକ ଶ୍ରଦ୍ଧାଳୁ ପରିଦର୍ଶନ କରିଛନ୍ତି । ଧାର୍ମିକ ପର୍ଯ୍ୟଟନକୁ ପ୍ରସାର କରିବା ସହ ସ୍ଥାନୀୟ ଅର୍ଥନୀତି, ପର୍ଯ୍ୟଟନ ବ୍ୟବସାୟକୁ ତ୍ୱରାନ୍ୱିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କୁହାଯାଉଛି ।

## ଗଡ଼କରି-ମହିଳା ସମ୍ମାନ

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରି କହିଛନ୍ତି, ଏକ ପ୍ରଗତିଶୀଳ ସମାଜ ଗଠନ କରିବା ପାଇଁ ନାଗରିକମାନଙ୍କୁ ଅସ୍ପୃଶ୍ୟବାଦ, ଜାତିଗତ ବାଛବିଚାର ଓ ଅସମାନତାରୁ ଉର୍ଦ୍ଧ୍ୱରେ ରହିବାକୁ ହେବ ।

ନୂଆଦିଲ୍ଲୀରେ ଲୋକମାତା ଅହଲ୍ୟା ବାଈ ହୋଲକର ମହିଳା ସମ୍ମାନ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ସମସ୍ତଙ୍କୁ ସମାନ ସୁଯୋଗ ମିଳୁଥିବା ଓ ଉଚ୍ଚନିଚ ଭେଦଭାବ ନଥିବା ଭଳି ଏକ ସମାଜ ଗଠନ କରିବା ଆମର ଲକ୍ଷ୍ୟ । ଶ୍ରୀ ଗଡ଼କରି କହିଛନ୍ତି, ପ୍ରତ୍ୟେକ ନାଗରିକ ବୁଝିବା ଦରକାର ଯେ ଜାତି, ଧର୍ମ, ଭାଷା, ଲିଙ୍ଗ ଦ୍ୱାରା ତାର ପରିଚୟ ନିର୍ଦ୍ଧାରିତ ହୁଏ ନାହିଁ, ସୁଗୁଣ ଦ୍ୱାରା ଜଣେ ନିଜର ପରିଚୟ ସୃଷ୍ଟି କରିଥାଏ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ମହିଳା ଉପଯୋଗୀ ଆଦର୍ଶ ଗ୍ରାମପଞ୍ଚାୟତ ଅଭିଯାନରେ ଆରମ୍ଭ କରାଯାଇଥିବା କହିଛନ୍ତି । ଏହିଭଳି ଆଦର୍ଶ ଗ୍ରାମପଞ୍ଚାୟତ ପ୍ରତ୍ୟେକ ଜିଲ୍ଲାରେ ବିକଶିତ କରାଯିବ ବୋଲି ଶ୍ରୀମତୀ ପଟେଲ୍ କହିଛନ୍ତି । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ୩୦ ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା ।

## ବୈଷ୍ଣବ-ଏଆଇ

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଏ.ଆଇ. କୋକଶା, ଏ.ଆଇ. କମ୍ପ୍ୟୁଟ୍ ପୋର୍ଟାଲ୍ ସମେତ ଅନ୍ୟ କେତେକ ଆଇ.ଆଇ. ଆଧାରିତ ଯୋଜନାର ଶୁଭାରମ୍ଭ କରିଛନ୍ତି । ଇଣ୍ଡିଆ ଏ.ଆଇ.

ମିଶନ୍ ଅଧୀନରେ ନୂଆଦିଲ୍ଲୀରେ ଏହି ଅଭିଯାନ ଗୁଡ଼ିକର ଆଜି ଶୁଭାରମ୍ଭ ହୋଇଛି ।

## ଇନ୍‌କମ୍ ଟ୍ୟାକ୍ସ

ନୂତନ ଆୟକର ବିଧେୟକ ପାଇଁ ଗଠିତ ଲୋକସଭାର ସ୍ୱତନ୍ତ୍ର କମିଟି ଆଜି ପାର୍ଲାମେଣ୍ଟ ହାଉସ୍‌ରେ ବୈଠକ କରିଛି । କମିଟି ନୂତନ ଆୟକର ବିଲ୍ ସମ୍ପର୍କରେ ଆଲୋଚନା ପାଇଁ  ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାସ୍ ପ୍ରତିଷ୍ଠାନର ପ୍ରତିନିଧି ଓ ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କୁ ନିମନ୍ତ୍ରଣ କରିଛି । ୩୧ ଜଣିଆ ସ୍ୱତନ୍ତ୍ର କମିଟିକୁ  ବିଜେପିର ସାଂସଦ ବୈଜନ୍ତ ପଣ୍ଡା ନେତୃତ୍ୱ ନେଉଛନ୍ତି ।

## ଦିଲ୍ଲୀ ମେଟ୍ରୋ

ଦିଲ୍ଲୀ ମେଟ୍ରୋ ତାର ଗୋଲଡେନ୍ ମେଟ୍ରୋ ଲାଇନ୍ ପାଇଁ ବସନ୍ତ କୁଞ୍ଜ ଠାରୁ ୨୬ କିଲୋମିଟର ଦୀର୍ଘ ଟନେଲ୍ ନିର୍ମାଣ କାର୍ଯ୍ୟ ଶେଷ କରି ଏକ ବଡ଼ ସଫଳତା ହାସଲ କରିଛି । ଗୃହ ଏବଂ ସହର ବ୍ୟାପାର ମନ୍ତ୍ରୀ ମନୋହର ଲାଲ୍ ଓ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ ଏହି ଅବସରରେ ଉପସ୍ଥିତ ଥିଲେ । ସାମ୍ବାଦିକମାନଙ୍କୁ ଏ ସଫଳତା ସମ୍ପର୍କରେ ଉଲ୍ଲେଖ କରି

ମନ୍ତ୍ରୀ ମନୋହରଲାଲ କହିଛନ୍ତି, ଭାରତର ମେଟ୍ରୋ ନେଟ୍‌ୱର୍କ ବିଶ୍ୱର ତୃତୀୟ ସର୍ବବୃହତମ ନେଟ୍‌ୱର୍କ ହୋଇପାରିଛି । ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ୟୁ.ଏସ୍.ଏ.ର ନ୍ୟୁୟର୍କ ମେଟ୍ରୋ ନେଟ୍‌ୱର୍କକୁ ଭାରତର ମେଟ୍ରୋ ନେଟ୍‌ୱର୍କ ଅତିକ୍ରମ କରିବ ବୋଲି ଶ୍ରୀ ଲାଲ କହିଛନ୍ତି । ଇତିମଧ୍ୟରେ ଭାରତୀୟ ମେଟ୍ରୋ ନେଟ୍‌ୱର୍କ ଏକ ହଜାର କିଲୋମିଟର ଦୂରତା ଲକ୍ଷ୍ୟ ହାସଲ କରିସାରିଛି । ଗୋଲଡେନ୍ ମେଟ୍ରୋ ଲାଇନ୍ ସମ୍ପର୍କରେ ତଥ୍ୟ ଦେଇ ସେ କହିଛନ୍ତି, ଏହି ମେଟ୍ରୋ ଲାଇନ୍ ଦ୍ୱାରା ଦିଲ୍ଲୀ ଏନ୍.ସି.ଆର୍.ର ଲୋକମାନେ ଉପକୃତ ହେବେ ।

## ୟୁପି-ବାବର ଖାଲସା

ଆଇ.ଏସ୍.ଆଇ. ପାଇଁ କାର୍ଯ୍ୟ କରୁଥିବା ବାବର ଖାଲସା ଇଣ୍ଟରନ୍ୟାସନାଲ୍‌ର ଏକ ସନ୍ତ୍ରାସବାଦୀ ଲଜର ମଶିକୁ ଆଜି ଉତ୍ତରପ୍ରଦେଶର ସ୍ୱତନ୍ତ୍ର ଟାକ୍ସଫୋର୍ସ୍ ଓ ପଞ୍ଜାବ ପୁଲିସ୍‌ର ମିଳିତ ଅପରେସନ୍‌ରେ ଗିରଫ୍ କରାଯାଇଛି । ଉତ୍ତରପ୍ରଦେଶ ଏସ୍.ଟି.ଏଫ୍.ର ସୂଚନା ଅନୁଯାୟୀ କୌସାମ୍ବି ଜିଲ୍ଲାର କୋଖରାଜ ଥାନା ଅଞ୍ଚଳରେ ମିଳିତ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ ସୁରକ୍ଷା କର୍ମୀମାନେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି । ଉତ୍ତରପ୍ରଦେଶର ପୁଲିସ୍ ମହାନିର୍ଦ୍ଦେଶକ ପ୍ରଶାନ୍ତ କୁମାର କହିଛନ୍ତି, ଗିରଫ୍ ହୋଇଥିବା ସନ୍ତ୍ରାସବାଦୀ

ପ୍ରୟାଗରାଜରେ ମହାକୁମ୍ଭରେ ଏକ ଆକ୍ରମଣ ପାଇଁ ଯୋଜନା କରିଥିଲା । ତେବେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା କାରଣରୁ ତାର ଯୋଜନା ଫଳପ୍ରଦ ହୋଇପାରି ନ ଥିଲା । ଜର୍ମାନୀରେ କାର୍ଯ୍ୟ କରୁଥିବା ବାବର ଖାଲସା ଇଣ୍ଟରନ୍ୟାସନାଲ୍‌ର ମୁଖ୍ୟ ସ୍ୱର୍ଣ୍ଣ ସିଂହ ଓରଫ୍ ଜୀବନ ଫୌଜି ପାଇଁ ଲଜର ମଶି କାମ କରୁଥିଲା । ସେ ପାକିସ୍ତାନର ଆଇ.ଏସ୍.ଆଇ. ଗୋଷ୍ଠୀ ସହିତ ସିଧାସଳଖ ସମ୍ପର୍କରେ ଥିଲା ବୋଲି ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ ଅମିତାଭ ୟାଶ୍ କହିଛନ୍ତି ।

## ଫୁଟ୍‌ବଲ୍

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଆଜି ହାଇଦ୍ରାବାଦର ଗାଚିବାଉଲି ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ୭ଟା ୩୦ରେ ହାଇଦ୍ରାବାଦ ଓ ପଞ୍ଜାବ ମଧ୍ୟରେ ମୁକାବିଲା ହେବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଜାମସେଦପୁର ଏଫ୍‌ସିକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହିତ ଓଡ଼ିଶା ଏଫ୍‌ସି ୩୩ ପଏଣ୍ଟ ହାସଲ କରି ତାଲିକାର ଷଷ୍ଠ ସ୍ଥାନରେ ରହିଛି ।

# ମାଣ୍ଡବ୍ୟ-ପାରା ଅଲିମ୍ପିକ୍ସ

ଖେଲୋ ଇଣ୍ଡିଆ ପାରା ପ୍ରତିଯୋଗିତା-୨୦୨୫ ଆସନ୍ତା ୨୦ ତାରିଖଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ ବୋଲି ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଘୋଷଣା କରିଛନ୍ତି । ସେ କହିଛନ୍ତି, ଖେଲୋ ଇଣ୍ଡିଆ  ପାରା ପ୍ରତିଯୋଗିତାର ଏହି ଦ୍ୱିତୀୟ ସଂସ୍କରଣରେ ୬ଟି ବିଭାଗରେ  ପ୍ରାୟ ୧ ହଜାର ୨୩୦ ଜଣ ଉଭୟ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ । ଏହି ପ୍ରତିଯୋଗିତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଡକ୍ଟର ମାଣ୍ଡବ୍ୟ କହିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ, ଦେଶରେ ପ୍ରତିଭାବାନ ଖେଳାଳିମାନଙ୍କର ଦକ୍ଷତାର ବିକାଶ ଦିଗରେ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ମିଶନର ଏକ ଅଂଶ ସ୍ୱରୂପ ଏହି ପ୍ରତିଯୋଗିତାର ଆୟୋଜନ କରାଯାଉଛି ।